

ସଦାପ୍ରଭୁ ପଣ୍ଡିତ ମାନଙ୍କୁ ହେରୋଦଙ୍କ ନିକଟକୁ ବାହୁଡ଼ି ନ ଯାଇ ଅଲଗା ରାସ୍ତାରେ ନିଜ ଦେଶକୁ ଫେରିଯିବାକୁ ଚେତାବନି ଦେଲେ । ହେରୋଦ ରାଜା କ୍ରୋଧାନ୍ଧ ହେଲେ । କାରଣ ଯୀଶୁଙ୍କୁ ବଧ କରିବାର ମନରେ ସଙ୍କଳ୍ପ କରିଥିଲେ ।

ସେ ବେଥଲିହିମରେ ଥିବା ପ୍ରତ୍ୟେକ ଶିଶୁଙ୍କୁ ବଧ କଲେ ।

19



ହେରୋଦ ଈଶ୍ୱରଙ୍କ ପୁତ୍ରଙ୍କୁ ବଧ କରି ପାରିଲେ ନାହିଁ । କାରଣ ସ୍ୱପ୍ନରେ ପ୍ରତ୍ୟାଦେଶ ପାଇ ଯୋଶେଫ ମରିୟମ ଓ ଯୀଶୁଙ୍କୁ ନିରାପତ୍ତା ମିଶର ଦେଶକୁ ନେଇଗଲେ ।

20

# ଯୀଶୁଖ୍ରୀଷ୍ଟଙ୍କ ଜନ୍ମ





ହେରୋଦଙ୍କୁ ମୃତ୍ୟୁ

ଯୋଶେଫ, ମରିୟମ ଓ ଯୀଶୁଙ୍କୁ ମିଶର ଦେଶରୁ ଫେରାଇ ଆଣିଲେ । ଏବଂ ସେମାନେ ଗାଲିଲୀ ଅଞ୍ଚଳର ନାଜରିତ ନାମକ ନଗରରେ ବାସ କଲେ ।

21

ଯୀଶୁଖ୍ରୀଷ୍ଟଙ୍କ ଜନ୍ମ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ମାଥିଉ ୧-୨, ଲୁକ ୧-୨

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦


ଲେଖକ Edward Hughes
ଦୃଷ୍ଟାନ୍ତ M. Maillot
ଅନୁବାଦକ Prasanta Bhuyan
ଉପଯୋଜକ E. Frischbutter; Sarah S.

କାହାଣି ୬୦ ରୁ ୩୬

**M1914.org**

**Bible for Children, PO Box 3, Winnipeg MB R3C 2G1 Canada**



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଆଉ ତାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଈଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଈଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଈଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଈଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।

ଓଡ଼ିଆ Oriya



ବହୁତ ପୁର୍ବେ, ସଦାପ୍ରଭୁ ପରମେଶ୍ୱର ଗାବ୍ରିଏଲ ଦୂତଙ୍କୁ ଏକ ସୁନ୍ଦରୀ, ଅବିବାହିତା ଯୀହୁଦୀ ଯୁବତୀ ମରିୟମଙ୍କ ନିକଟକୁ ପଠାଇଲେ ।

1



ଦୂତ ତାହାଙ୍କୁ କହିଲେ, ତୁମ୍ଭେ ଗର୍ଭଧାରଣ କରି ଏକ ପୁତ୍ର ପ୍ରସବ କରିବ ଓ ତାଙ୍କର ନାମ ଯୀଶୁ ଦେବ । ସେ ମହାନ ହେବେ ଓ ପରାତ୍ପରଙ୍କ ପୁତ୍ର ବୋଲି ଖ୍ୟାତ ହେବେ । ସେ ଯୁଗେ ଯୁଗେ ରାଜତ୍ୱ କରିବେ ।

2



କିନ୍ତୁ ମରିୟମ ଦୂତଙ୍କୁ ପଚ଼ାରିଲେ, ଏହା କି ହେବ? ମୁଁ ତ ପୁରୁଷଙ୍କୁ ଜାଣେନାହିଁ । ଦୂତ ମରିୟମଙ୍କୁ ଉତ୍ତର ଦେଲେ ସେହି ପୁତ୍ର ଇଶ୍ୱରଙ୍କଠାରୁ ଗ୍ରହଣ କରିବ । ସେଥିରେ କେହି ଜାଗତିକ ମନୁଷ୍ୟ ତାହାର ପିତା ହେବା ଆବଶ୍ୟକତା ନାହିଁ ।
3
ଦୂତ ମରିୟମଙ୍କୁ କହିଲେ ପୁଣି ଦେଖ, ତୁମ୍ଭର ଆତ୍ମିୟ ଏଲିଜାବେଥ୍ ମଧ୍ୟ ବୃଦ୍ଧାବସ୍ଥାରେ ପୁତ୍ର ଧାରଣ କରିଛନ୍ତି । ଏହା ମଧ୍ୟ ଏକ ଆଲୌକିକ ବିଷୟ ଥିଲା । ମରିୟମ ଏଲିଜାବେଥ ନିକଟକୁ ପ୍ରସ୍ଥାନ କଲେ । ପୁଣି ସେମାନେ ଦୁହେଁ ପ୍ରଭୁଙ୍କର ପ୍ରଶଂସା କଲେ ।
4
ଯୋଶେଫ ନାମକ ପୁରୁଷଙ୍କ ମରିୟମଙ୍କର ବିବାହ ନିର୍ବନ୍ଧ ହୋଇଥିଲା । ଯେତେବେଳେ ଯୋଶେଫ ଜାଣିଲେ ଯେ ମରିୟମ ଗର୍ଭାବସ୍ଥାରେ ଅଟନ୍ତି, ତହିଁରେ ସେ ଦୁଃଖିତ ମନେ କଲେ । ଅନ୍ୟ ଏକ ପୁରୁଷ ସେହି ସନ୍ତାନର ପିତା ହୋଇପାରନ୍ତି ବୋଲି ସେ ମନେକଲେ ।
5
ପ୍ରଭୁଙ୍କର ଜଣେ ଦୂତ ଯୋଶେଫଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ । ସେହି ସନ୍ତାନ ଇଶ୍ୱରଙ୍କଠାରୁ ଆସିଅଛି । ଯୀଶୁଙ୍କର ସେବା କରିବା ନିମନ୍ତେ ମରିୟମଙ୍କୁ ସାହାଯ୍ୟ କରିବାକୁ ଦୂତ ଯୋଶେଫଙ୍କୁ କହିଲେ ।
6
ଯୋସେଫ ପ୍ରଭୁଙ୍କଠାରେ ନିର୍ଭର କରି, ପ୍ରଭୁଙ୍କ ଆଜ୍ଞା ପାଳନ କଲେ । ଆଉ ସେ ମଧ୍ୟ ନିଜ ଦେଶର ନିୟମକୁ ପାଳନ କଲେ । କାରଣ ଏକ ନୂତନ ନିୟମ ଶକାସୁ ସେମାନଙ୍କର କର ଦେବା ନିମନ୍ତେ ଯୋଶେଫ ଏବଂ ମରିୟମ,
ଯୋଶେଫଙ୍କର ନିଜ ନଗର ବେଥଲିହିମକୁ ଗମନ କଲେ ।
7
ସେହି ସମୟରେ ମରିୟମଙ୍କର ପ୍ରସବ କାଳ ଉପସ୍ଥିତ ହେଲା । କିନ୍ତୁ ଯୋସେଫ ରହିବା ନିମନ୍ତେ କୌଣସି ଏକ ବସାଘର ପାଇଲେ ନାହିଁ । କାରଣ ପ୍ରତ୍ୟେକ ପାନ୍ଥଶାଳା ପରିପୁର୍ଣ୍ଣ ଥିଲା ।
8
ସର୍ବଶେଷରେ ଯୋଶେଫ ରହିବାକୁ ଯୋଗ୍ୟ ଏକ ଘର ଖୋଜି ପାରିଲେ । ସେଥିରେ ଶିଶୁ ଯୀଶୁଖ୍ରୀଷ୍ଟ ଜନ୍ମ ଗ୍ରହଣ କଲେ । ପୁଣି ତାଙ୍କର ମାତା ମରିୟମ ଯୀଶୁଙ୍କୁ ଏକ ଗୁହାଳ କୁଣ୍ଡରେ ଶୁଆଇଲେ, ଯେଉଁଥିରେ ପଶୁମାନଙ୍କୁ ଖାଦ୍ୟ ଦିଆଯାଉଥିଲା ।
9
ସେହି ଅଞ୍ଚଳରେ କେତେକ ମେଷପାଳକ ପଦାରେ ରହି ରାତ୍ରିରେ ସେମାନଙ୍କ ପଲ ଜଗୁଥିଲେ । ପ୍ରଭୁଙ୍କର ଜଣେ ଦୂତ ସେମାନଙ୍କ ନିକଟରେ ଉପସ୍ଥିତ ହେଲେ, ଏବଂ ଅତ୍ୟନ୍ତ ଆନନ୍ଦ ଜନକ ସୁସମାଚ଼ାର ଜଣାଇଲେ ।
10
ଆଜି ଦାଉଦଙ୍କ ନଗରରେ ତୁମ୍ଭମାନଙ୍କ ନିମନ୍ତେ ତ୍ରାଣକର୍ତ୍ତା ଜନ୍ମଗ୍ରହଣ କରିଛନ୍ତି । ସେ ଖ୍ରୀଷ୍ଟ ପ୍ରଭୁ ତୁମ୍ଭେମାନେ ଜଣେ ଶିଶୁକୁ ଲୁଗାରେ ଗୁଡ଼ାହୋଇ ଗୁହାଳ କୁଣ୍ଡରେ ଶୋଇଥିବା ଦେଖିବ ।
11
ପୁଣି ଅକସ୍ମାତ ସେହି ଦୂତଙ୍କ ସାଙ୍ଗରେ ସ୍ୱର୍ଗୀୟ ବାହିନୀର ଗୋଟିଏ ବୃହତ୍ ଦଳ ଉପସ୍ଥିତ ହୋଇ ଇଶ୍ୱରଙ୍କ ସ୍ତବଗାନ କରୁ କରୁ କହିଲେ । ଉର୍ଦ୍ଧ ଲୋକରେ ଇଶ୍ୱରଙ୍କ ମହିମା, ପୁଣି ପୃଥିବୀରେ
ତାହାଙ୍କ ସନ୍ତୋଷପାତ୍ର ମନୁଷ୍ୟ ମାନଙ୍କ ମଧ୍ୟରେ ଶାନ୍ତି ।
12
ମେଷ ପଳକ ମାନେ ଶିଘ୍ର ସେହି ଗୃହକୁ ପ୍ରସ୍ଥାନ କଲେ । ଶିଶୁଙ୍କୁ ଅନ୍ୱେଷଣ କରି, ସେମାନେ ସେହି ଶିଶୁଙ୍କ ସମ୍ବନ୍ଦରେ ଦୂତ ସେମାନଙ୍କୁ ଯେଉଁ କଥା କହିଥିଲେ ତାହା ପ୍ରକାଶ କଲେ ।
13
ଚ଼ାଳିଶ ଦିନ ପରେ ଯୋଶେଫ ଏବଂ ମରିୟମ ଯୀଶୁଖ୍ରୀଷ୍ଟଙ୍କୁ ଯିରୁଶାଲମ ମନ୍ଦିରକୁ ଘେନିଗଲେ । ଦେଖ ସେଠାରେ ଶିମିୟନ ନାମକ ଜଣେ ବ୍ୟକ୍ତି ଶିଶୁଙ୍କ ନିମନ୍ତେ ପ୍ରଭୁଙ୍କକର ପ୍ରଶଂସା କଲେ, ପୁଣି ଅନ୍ୟ ଏକ ଇଶ୍ୱରଙ୍କ ଦାସ ଆନା ପ୍ରଭୁଙ୍କୁ ଧନ୍ୟବାଦ ଦେଲେ ।
14
ଉଭୟେ ଜାଣିଥିଲେ ଯେ ଯୀଶୁଖ୍ରୀଷ୍ଟ ଇଶ୍ୱରଙ୍କ ପୁତ୍ର ଓ ପରିତ୍ରାଣକର୍ତ୍ତା । ଯୋଶେଫ ଦୁଇଟି କାପ୍ତାଛୁଆ ବଳିଦାନ କଲେ । ଇଶ୍ୱରଙ୍କ ଉଲ୍ଲେଖିତ ବ୍ୟବସ୍ଥା ଅନୁସାରେ ସେମାନଙ୍କର ପ୍ରଥମ ଜାତ ଶିଶୁଙ୍କୁ ସମର୍ପଣ କରିବା ଗରିବ ଲୋକମାନଙ୍କ ନିମନ୍ତେ ଏହା କରିବା ଆବଶ୍ୟକ ଥିଲା ।
15
କିଛି ସମୟ ପରେ, ଏକ ପୁର୍ବ ଦେଶରୁ ଯିରୁଶାଲମକୁ ଗୋଟିଏ ସ୍ୱତନ୍ତ ତାରା ପଣ୍ଡିତ ମାନଙ୍କୁ ପରିଚ଼ାଳନା କଲା ।
ସେମାନେ ପଚ଼ାରିଲେ, ଯୀହୁଦି ମାନଙ୍କର ରାଜା କେଉଁଠାରେ ଜନ୍ମଗ୍ରହଣ କରିଛନ୍ତି କାରଣ ଆମ୍ଭେ ତାହାଙ୍କୁ ଭୁମିଷ୍ଟ ପ୍ରଣାମ କରିବାକୁ ଚ଼ାହୁଁଛୁ ।
16
ପୁଣି ହେରୋଦ ରାଜା ପଣ୍ଡିତମାନଙ୍କ ଠାରୁ ଶୁଣି ଭୟକଲେ, ସେ ପଣ୍ଡିତମାନଙ୍କୁ ତୁମ୍ଭେମାନେ ଯାଇ ସେହି ଶିଶୁଙ୍କୁ ପାଇଲା କ୍ଷଣି ଆମ୍ଭକୁ ସମ୍ବାଦ ଦିଅ ଯେପରି ଆମ୍ଭେ ମଧ୍ୟ ଯାଇ ତାହାଙ୍କୁ ପ୍ରଣାମ କରିବା । ମାତ୍ର ଯୀଶୁଙ୍କୁ ବଧ କରିବାକୁ ହେରୋଦ ଗୁପ୍ତରେ ସଂକଳ୍ପ କଲେ ।
17
ଯେଉଁ ଗୃହରେ ଯୋଶେଫ ଓ ମରିୟମ ଏବଂ ପୁତ୍ର ଶିଶୁ ଯୀଶୁ ବାସ କରୁଥିଲେ, ତାରା ପଣ୍ଡିତମାନଙ୍କୁ ସଠିକ ସେହି ଗୃହକୁ ଘେନିଗଲା । ସେମାନେ ତାହାଙ୍କୁ ଭୁମିଷ୍ଠ ପ୍ରଣାମ କଲେ ଓ ବହୁମୁଲ୍ୟ ଉପହାର ସୁନା, କୁନ୍ଦୁରୁ ଏବଂ ଗନ୍ଧରସ ପ୍ରଦାନ କଲେ ।
18